**DIRECTORATE OF EXTENSION EDUCATION**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ODISHA UNIVERSITY OF AGRICULTURE AND TECHNOLOGY**
**Bhubaneswar, Pin - 751003**

**ତା.୨୫.୧୦.୨୦୨୫**

# ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ଚାଷୀ ଭାଇମାନଙ୍କୁ ପରାମର୍ଶ

ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ଶାଖାର ପୂର୍ବ ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସମ୍ଭାବ୍ୟ ଅବପାତରେ ପରିଣତ ହେବାକୁ ଯାଉଅଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରାଯାଇଛି । ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରକୋପ ରହିବ । ଆସନ୍ତା ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ବଢ଼ିବାର ସମ୍ଭାବନା ରହିଛି । ଏଥିପାଇଁ ଚାଷୀଭାଇମାନେ ସଜାଗ ରହି ନିମ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଛି ।

- ବର୍ଷା ହେବା ପୂର୍ବରୁ ସଅଳ ଓ ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖିଦିଅନ୍ତୁ ।
- ଅମଳ ହୋଇଯାଇଥିବା ସଅଳ କିସମ ଧାନକୁ ବେଙ୍ଗଳା କରି ଦିଅନ୍ତୁ କିମ୍ବା ପଲିଥିନ୍ ଘୋଡ଼ାଇ ସୁରକ୍ଷିତ କରି ଉଚ୍ଚ ଓ ନିରାପଦ ସ୍ଥାନରେ ରଖନ୍ତୁ ।
- ମକା ଅମଳଯୁକ୍ତ ହୋଇଥିଲେ ସେଗୁଡ଼ିକୁ ଯଥାଶୀଘ୍ର ଅମଳ କରିଦିଅନ୍ତୁ ।
- ପାକଳ ଅବସ୍ଥାରେ ଥିବା ଖରିଫ୍ ଚିନାବାଦାମ, ମୁଗ ଓ ବିରିକୁ ଓପାଡ଼ି ନିରାପଦ ସ୍ଥାନକୁ ନେଇ ଆସନ୍ତୁ ।
- ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ କର ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ ।
- ପନିପରିବା ନର୍ସରୀରୁ ଅତ୍ୟଧିକ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।
- ଫୁଲକୋବି, ବନ୍ଧାକୋବି ଇତ୍ୟାଦି ତୋଳିବା ଅବସ୍ଥାରେ ଥିଲେ ତୋଳି ଦିଅନ୍ତୁ ।
- ରବି ଫସଲରେ ବର୍ତମାନ ବୁଣାବୁଣି କାମ ବନ୍ଦ ରଖନ୍ତୁ । ବର୍ଷା ଛାଡ଼ିଗଲା ପରେ ବୁଣାବୁଣି କାମ କରନ୍ତୁ ।
- ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟି ଦେଇ ଠିଆ କରାଇ ଦିଅନ୍ତୁ ।
- ସଂପୂର୍ଣ୍ଣ ଭାବେ ପନିପରିବା ଫସଲ ନଷ୍ଟ ହୋଇଯାଇଥିଲେ ଜମିରେ ପାଗ ଆସିଲା ପରେ ପୁଣି ଜମି ପ୍ରସ୍ତୁତ କରି ସଅଳ କିସମ କୋବି ଜାତୀୟ ଫସଲ ଓ ଶୀତଦିନିଆ ଅନ୍ୟାନ୍ୟ ପନିପରିବା ଫସଲ ଲଗାଇବାର ବ୍ୟବସ୍ଥା କରନ୍ତୁ ।
- ଫଳ ବଗିଚାରେ ଅତ୍ୟଧିକ ପାଣି ଜମି ରହିଲେ ତାହାକୁ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଉପକୂଳବର୍ତୀ ଅଂଚଳରେ କଦଳୀ ଓ ଅମୃତଭଣ୍ଡା ବଗିଚାରେ ଗଛରେ ଡିରା ଦିଅନ୍ତୁ ।
- ଗେଣ୍ଡୁ, ଗୋଲାପ ଆଦି ଫୁଲର ମାନ ବର୍ଷା ଯୋଗୁଁ ଖରାପ ହୋଇଯିବାର ସମ୍ଭାବନା ରହିଛି । ତେଣୁ ସେଗୁଡ଼ିକୁ ତୋଳି ଦିଅନ୍ତୁ ।
- ପାଣି ଛାଡ଼ିଗଲା ପରେ ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗ ପୋକ ଲାଗିବାର ସମ୍ଭାବନା ରହିଛି । ଏଭଳି ପରିସ୍ଥିତିରେ ନିମ୍ନୋକ୍ତ ପରିଚାଳନା ବ୍ୟବସ୍ଥା ଗ୍ରହଣ କରନ୍ତୁ ।

**୧. ଧାନ :**

**କ) ମାଟିଆଗୁଣ୍ଡି ପୋକ :**

ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ପ୍ରତି ୬ ଫୁଟ ବ୍ୟବଧାନରେ ପାହି ତିଆରି କରନ୍ତୁ । ଏକର ପ୍ରତି ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. ୧୨୦ ଗ୍ରାମ୍ କିମ୍ବା ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. ୬୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ମୂଳ ଭାଗକୁ ସିଂଚନ କରନ୍ତୁ ।

**ଖ) କେଣ୍ଡାକଟା ପୋକ :**

ବର୍ଷା ଛାଡ଼ି ଖରା ପାଗ ହୋଇଗଲା ପରେ କେଣ୍ଡାକଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫% ଇ.ସି. ୪୦୦ ମି.ଲି. କିମ୍ବା ପ୍ରୋଫେନୋଫସ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଂଚନ କରନ୍ତୁ ।

**ଗ) ଗନ୍ଧିପୋକ :**

ବର୍ଷା ପରେ କମ୍ ଉତାପ ରହିଲେ ଗନ୍ଧି ପୋକ ଲାଗି ପାରନ୍ତି । ଏହାର ନିରାକରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ୧୦ କି.ଗ୍ରା. ବିଂଚନ୍ତୁ କିମ୍ବା ମାଲାଥିଅନ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ସିଂଚନ କରନ୍ତୁ ।

**ଘ) କେଣ୍ଡା ଅଷ୍ଟପଦୀ :**

ଧାନ ଫସଲରେ କେଣ୍ଡା ବାହାରିବା ଅବସ୍ଥାରେ କେଣ୍ଡା ଅଷ୍ଟପଦୀ (Panicle mite)ଲାଗିବାର ସମ୍ଭାବନା ରହିଛି । ଏହାଦ୍ୱାରା କେଣ୍ଡାରେ ଧାନ କଳା ପଡ଼ିଯାଏ ଓ ଧୂସର ରଙ୍ଗ ହୋଇଯାଏ । କେଣ୍ଡା ବାହାରିବା ପରେ ଧାନ ଅଗାଡ଼ି ହୋଇଯାଏ । ଏହାର ନିରାକରଣ ପାଇଁ ଏକର ପ୍ରତି ଫେଞ୍ଜାକ୍ୱିନ୍ ୧୦% ଇ.ସି. ୪୦୦ ମି.ଲି. କିମ୍ବା ଫେନ୍‌ପାଇରୋକ୍ସିମେଟ୍ ୫% ଇ.ସି. ୪୦୦ ମି.ଲି. କିମ୍ବା ପ୍ରୋପାରିଜାଇଟ୍ ୫୭% ଇ.ସି. ୪୦୦ ମି.ଲି. କିମ୍ବା ଡାଇଫେନ୍‌ଥ୍ୟୁରନ୍ ୫୦% ଡବ୍ଲୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରତି ସପ୍ତାହରେ ଥରେ ଲାଗ୍ ଲାଗ୍ ଦୁଇ ସପ୍ତାହ ସିଂଚନ କରନ୍ତୁ ।

**ଙ) ବେକ ମହିଷା / କେଣ୍ଡା ମହିଷା :**

ଧାନ ଫସଲରେ ବର୍ଷା ଛାଡ଼ିଗଲା ପରେ ବେକ ମହିଷା / କେଣ୍ଡା ମହିଷା ରୋଗ ହେବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲୁ.ପି. ୧୨୦ ଗ୍ରାମ୍ କିମ୍ବା କାସୁଗାମାଇସିନ୍ ୩% ଏସ୍.ଏଲ୍. ୪୦୦ ମି.ଲି. କିମ୍ବା କୀଟାଜିନ୍ ୪୮% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଚ) ପତ୍ରାଚ୍ଛାଦ ସଢ଼ାରୋଗ :**

ଏହି ରୋଗ ଦେଖାଗଲେ ଧାନ ଗଛ ବେକ ପଚି ଚିପି ହୋଇଯାଏ । ଫଳରେ କେଣ୍ଡା ସଢ଼ିଯାଇ ବାହାରି ପାରେ ନାହିଁ । ଏକର ପ୍ରତି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୩୦୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୧୨% + ମାନ୍‌କୋଜେବ୍ ୬୩% ଡବ୍ଲୁ.ପି. ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଛ) ବୀଜାଣୁଜନିତ ପତ୍ରପୋଡ଼ା ରୋଗ (BLB):**

ଏହି ରୋଗ ଦେଖାଦେଲେ ଏକର ପ୍ରତି କପର ଅକ୍ସିକ୍ଲୋରାଇଡ୍ ୬୦୦ ଗ୍ରାମ୍ + ଷ୍ଟ୍ରେପ୍ଟୋସାଇକ୍ଲିନ୍ ୨୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**୨. ପନିପରିବା ଓ ଡାଲିଜାତୀୟ ଫସଲ**

**କ) ଜଉପୋକ :**

ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ୍ ୪୦ ଗ୍ରାମ୍ କିମ୍ବା ଏସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଖ) ପାଉଁଶିଆ ରୋଗ :**

ବର୍ଷା ଛାଡ଼ିଗଲା ପରେ ମୁଗ, ବିରି, ହରଡ଼, ବରଗୁଡ଼ି ଆଦି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ସଲ୍‌ଫର୍ ୮୦% ଡବ୍ଲୁ.ଜି. ୫୦୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଗ) ଝାଉଁଳା ରୋଗ :**

ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ଭାଗକୁ ସିଂଚନ କରନ୍ତୁ ।

**ବି.ଦ୍ର.: ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଆଂଚଳିକ କୃଷି ଗବେଷଣା କେନ୍ଦ୍ର, କୃଷି ଅଧିକାରୀ ଓ ସମ୍ପୃକ୍ତ କୃଷି ଦେୟମୁକ୍ତ ନମ୍ବର ୧୫୫୩୩୩ ସହ ଯୋଗାଯୋଗ କରନ୍ତୁ ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି**